# NATIONAL NEWS BULLETIN (ODIA)
## 31 May - 2025
## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରଦେଶରେ ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ସମଗ୍ର ବିଶ୍ୱ ଅବଲୋକନ କରିଛି ବୋଲି କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ
- ପଞ୍ଜାବ ଓ ଗୁଜରାଟରେ ଆଜି ଅନୁଷ୍ଠିତ ହେବ ବେସାମରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍
- ତମାଖୁ ସେବନର କୁପ୍ରଭାବ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ତମାଖୁ ନିରୋଧ ଦିବସ

ଏବଂ

- ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ର ଏଲିମିନେଟର ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସକୁ ୨୦ ରନ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ

## ପିଏମ୍-ଏମ୍‌ପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଲୋକମାତା ଦେବୀ ଅହିଲ୍ୟାବାଇ ହୋଲ୍‌କରଙ୍କ ୩୦୦ତମ ଜୟନ୍ତୀ ଅବସରରେ ଭୋପାଳରେ ଆୟୋଜିତ ହେବାକୁ ଥିବା ଲୋକମାତା ଦେବୀ ଅହିଲ୍ୟାବାଇ ସଶକ୍ତିକରଣ ମହାସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଶ୍ରୀ ମୋଦୀ ମଧ୍ୟପ୍ରଦେଶର ଡାଟିଆ ଏବଂ ସତ୍‌ନା ବିମାନ ବନ୍ଦରର ଉଦ୍‌ଘାଟନ କରିବେ । କ୍ଷୀପ୍ରା ନଦୀରେ ୮୬୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ସେତୁ ନିର୍ମାଣ କାର୍ଯ୍ୟର ମଧ୍ୟ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ମହିଳା ସଶକ୍ତିକରଣ ମହାସମ୍ମିଳନୀ କାର୍ଯ୍ୟକ୍ରମରେ ୨ଲକ୍ଷରୁ ଅଧିକ ମହିଳା ଯୋଗ ଦେବେ ବୋଲି କୁହାଯାଇଛି । ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ସୂଚନା ଦେଇଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟକୁ ବିଭିନ୍ନ ପ୍ରକଳ୍ପ ଉପହାର ଦେବେ । ଜଳସଂପଦ ବିଭାଗର ୮୩୬ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଭୂମିପୂଜନ  କରିବେ ।

ଏହି ଅବସରରେ ମଧ୍ୟପ୍ରଦେଶରେ ୧ ହଜାର ୨୭୧ଟି ନୂଆ ଅଟଳ ଗ୍ରାମସେବା ସଦନ ନିର୍ମାଣ କାର୍ଯ୍ୟ ନିମନ୍ତେ ପ୍ରଥମ କିସ୍ତି ପ୍ରଦାନ କରିବେ । ଏହା ଦ୍ୱାରା ବିଭିନ୍ନ ଗ୍ରାମପଞ୍ଚାୟତକୁ ସ୍ଥାୟୀ ପକ୍କାଘର ମିଳିପାରିବ । ଶ୍ରୀ ମୋଦୀ ଲୋକମାତା ଦେବୀ ଅହିଲ୍ୟାବାଇଙ୍କ ସମ୍ମାନାର୍ଥେ ଏକ ଡାକ ଟିକଟ

ଏବଂ ୩୦୦ ଟଙ୍କିଆ ମୁଦ୍ରା ଉନ୍ମୋଚନ କରିବା ସହ ଜାତୀୟ ଦେବୀ ଅହିଲ୍ୟାବାଇ ପୁରସ୍କାର ପ୍ରଦାନ କରିବେ ।

ଗତକାଲି ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶରେ ୪୭ ହଜାର ୬୦୦କୋଟି ଟଙ୍କାର ୧୫ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ବିକାଶରେ ଶକ୍ତି ପ୍ରକଳ୍ପର ଆବଶ୍ୟକତା ସଂପର୍କରେ କହିଥିଲେ :

**V/O (PM Power Project)**

ପ୍ରଧାନମନ୍ତ୍ରୀ କହିଥିଲେ ଅପରେସନ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଏହି ଅଭିଯାନ ମାଧ୍ୟମରେ ସନ୍ତ୍ରାସବାଦର ମୂଳୋତ୍ପାଟନ ପାଇଁ ପଦକ୍ଷେପ ଜାରି ରହିବ ।

**V/O (PM on Operation Sindur)**

## ରାଜନାଥ-ନେଭି

ସନ୍ତ୍ରାସବାଦ ବିରୋଧରେ ସଂଗ୍ରାମ କରି ନାଗରିକମାନଙ୍କୁ ସୁରକ୍ଷା ଯୋଗାଇଦେବା ଦିଗରେ ଭାରତର ପଦକ୍ଷେପକୁ ସମଗ୍ର ବିଶ୍ୱ ଅବଲୋକନ କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ କହିଛନ୍ତି, ପାକିସ୍ତାନ ମାଟିରେ ଗଢ଼ିଉଠୁଥିବା ସନ୍ତ୍ରାସବାଦ ଶିବିର ଗୁଡ଼ିକୁ ମୂଳୋତ୍ପାଟନ କରିବା ଲାଗି ପାକିସ୍ତାନ ସ୍ୱୟଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ହାଫିଜ୍ ସାହିଦ ଏବଂ ମସୁଦ ଆଜାଦ୍ ଭଳି ସନ୍ତ୍ରାସବାଦୀଙ୍କୁ ଭାରତକୁ ହସ୍ତାନ୍ତର କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ଭାରତର ପ୍ରଥମ ସ୍ୱଦେଶୀ ଯୁଦ୍ଧ ବିମାନ

ଆଇ.ଏନ୍.ଏସ୍. ବିକ୍ରାନ୍ତର ଅଧିକାରୀମାନଙ୍କୁ ଗୋଆଠାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଅପରେସନ୍ ସିନ୍ଦୂର ଏକ ସାମରିକ ଅଭିଯାନ ନୁହେଁ ଏହା ଭାରତର ସନ୍ତ୍ରାସବାଦ ବିରୁଦ୍ଧରେ ଆକ୍ରମଣ ବୋଲି ଶ୍ରୀ ସିଂହ କହିଛନ୍ତି । ସେ କହିଛନ୍ତି, ପାକିସ୍ତାନ ମାଟିରେ ଭାରତ ବିରୋଧୀ କାର୍ଯ୍ୟକଳାପ ଖୋଲାଖୋଲି ଭାବେ ଚାଲିଛି । ଭାରତ ଉଭୟ ସୀମାନ୍ତ ଏବଂ ସମୁଦ୍ରରେ ସନ୍ତ୍ରାସବାଦ ବିରୋଧ ଅପରେସନ ଜାରି ରଖିବ । ଅପରେସନ ସିନ୍ଦୂର ସମୟରେ ଭାରତର ନୌବାହିନୀର ସେବାକୁ ଶ୍ରୀ ସିଂହ ଭୂୟସୀ ପ୍ରଶଂସା କରିଛନ୍ତି ।

## ମକ୍‌ଡ୍ରିଲ୍

ପଞ୍ଜାବରେ ଆଜି ଅପରେସନ ସିଲ୍‌ଡ ଅନ୍ତର୍ଗତ ଦ୍ୱିତୀୟ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମକ୍‌ଡ୍ରିଲ୍ ପାଳନ କରାଯିବ । ସେହିପରି ଗୁଜରାଟର ଅହମ୍ମଦାବାଦ, ଭଦୋଦରା ଏବଂ ବନସ୍‌କଣ୍ଠାରେ ମଧ୍ୟ ବେସାମରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## ବିଶ୍ୱ ତମାଖୁ ନିରୋଧ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନ ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ସେବନର ନିବେଦନକୁ ପ୍ରତ୍ୟାଖାନ କରିବା; ତମାଖୁର ପ୍ରଚାର ପ୍ରସାର କରୁଥିବା**

**ବ୍ୟବସାୟିକ କୌଶଳର ସତ୍ୟତା ଲୋକଲୋଚନକୁ ଆଣିବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

## ନୋ ଟୋବାକୋ ଡେ-୨

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସାରା ବିଶ୍ୱରେ ୧ ଦଶମିକ ୩ ବିଲିୟନ ଲୋକ ତମାଖୁ ସେବନ କରୁଛନ୍ତି । ଭାରତ ତମାଖୁ ଉତ୍ପାଦନ ଏବଂ ବ୍ୟବହାରରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ । ଏକ ସର୍ଭେ ଅନୁଯାୟୀ ୧୩ରୁ ୧୫ ବର୍ଷ ବୟସ ମଧ୍ୟରେ ୮ ଦଶମିକ ୫ ପ୍ରତିଶତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ତମାଖୁ ସେବନ କରୁଛନ୍ତି ।

## ସଚେତନତା ଅଭିଯାନ

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମଧାହ୍ନରେ ଭୁବନେଶ୍ୱର ଲୋସେବା ଭବନରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆମ ସଂକଳ୍ପର ଶୁଭାରମ୍ଭ କରିବେ । କାର୍ଯ୍ୟକ୍ରମରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଉପସ୍ଥିତ ରହିବେ । ଆମ ସଂକଳ୍ପ ଅଭିଯାନ ରାଜ୍ୟରେ ଆସନ୍ତାମାସ ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

# ସାହିତ୍ୟ ଏକାଡେମୀ କନ୍‌ଫରେନ୍ସ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଦୁଇଦିନିଆ ସାହିତ୍ୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହାର ବିଷୟବସ୍ତୁ ରହିଥିଲା "ସାହିତ୍ୟ କେତେମାତ୍ରାରେ ପରିବର୍ତ୍ତନ ହୋଇଛି ।" ଏଥିରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ ପରିବର୍ତ୍ତନ ଏବଂ ପରିବର୍ତ୍ତନରେ ସାହିତ୍ୟ ଓ ଭାରତୀୟ ସାହିତ୍ୟର ନୂତନ ଦିଗନ୍ତ ଉପରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଯୋଗଦେଇଥିବା ବକ୍ତାମାନେ ଭାରତୀୟ ସାହିତ୍ୟକୁ ମହିଳା ସାହିତ୍ୟିକଙ୍କ ଅବଦାନ ଏବଂ ସମାଜକୁ ରୂପଦେବା କ୍ଷେତ୍ରରେ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ ।

ଦେବୀ ଅହିଲ୍ୟାବାଇ ହୋଲ୍‌କରଙ୍କ ଜୀବନୀ ସଂପର୍କରେ ଉପସ୍ଥାପନ ସହ ଏହି ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା ।

# ଜେ ଆଣ୍ଡ କେ ଏଚ୍ ଏମ୍ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜାମ୍ମୁ କାଶ୍ମୀର ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ଘୋଷଣା କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ୯୦ ହଜାର ଭୂତଳ ବଙ୍କର ସହିତ ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଅତିରିକ୍ତ ପଦକ୍ଷେପମାନ ଗ୍ରହଣ କରାଯିବ । ପୁଞ୍ଛରେ ଏକ ଜନସମାବେଶରେ

ଉଦ୍‌ବୋଧନ ଦେଇ ଶ୍ରୀ ଶାହା ପାକିସ୍ତାନ ଗୁଳିଗୋଳା ବର୍ଷଣର ଶିକାର ହୋଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି କହିଛନ୍ତି, ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ଆକଳନ କରାଯାଉଛି । କେନ୍ଦ୍ର ସରକାର ପ୍ରଭାବିତ ପରିବାର ଗୁଡ଼ିକୁ ସମ୍ଭାବ୍ୟ ସହାୟତା ଯୋଗାଇଦେବେ **।V/O (Amit Shah)**

ଶ୍ରୀ ଶାହା କହିଛନ୍ତି, ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ସୀମାନ୍ତରେ ଥିବା ସନ୍ତ୍ରାସବାଦୀ ଭିତ୍ତିଭୂମି ଗୁଡ଼ିକୁ ନଷ୍ଟ କରିଦିଆ ଯାଇଥିଲା । ସନ୍ତ୍ରାସବାଦୀ ଶିବିର ଗୁଡ଼ିକୁ ନଷ୍ଟ କରିବା ଅପରେସନ ସିନ୍ଦୂରର ମୂଳ ଲକ୍ଷ୍ୟ ଥିଲା । ପାକିସ୍ତାନର ସାଧାରଣ ନାଗରୀକ କିମ୍ବା ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିବା ଏହାର ଲକ୍ଷ୍ୟ ନ ଥିଲା । କିନ୍ତୁ ପାକିସ୍ତାନ ଏହାର ଜବାବରେ ଜାମ୍ମୁ କାଶ୍ମୀରର ଧାର୍ମିକ ସ୍ଥଳୀ ସମେତ ଜନବସତି ଅଞ୍ଚଳରେ ଆକ୍ରମଣ କରିଥିଲା । ଶ୍ରୀ ଶାହା କହିଛନ୍ତି, ଜାମ୍ମୁ କାଶ୍ମୀର ଅଞ୍ଚଳରେ ବିକାଶ କାର୍ଯ୍ୟ ଜାରି ରହିବ ଏବଂ ସୁରକ୍ଷା ବାହିନୀ ଯବାନମାନେ ସନ୍ତ୍ରାସବାଦ ବିରୁଦ୍ଧରେ ତାଙ୍କର କାର୍ଯ୍ୟ ଅବ୍ୟାହତ ରଖିବେ ।

## ଅହିଲ୍ୟାଦେବୀ ହୋଲ୍‌କର

ଲୋକମାତା ପୁଣ୍ୟଶ୍ଳୋକ ଅହିଲ୍ୟାଦେବୀ ହୋଲ୍‌କରଙ୍କ ୩୦୦ତମ ଜୟନ୍ତୀ ଅବସରରେ ଆଜି ମହାରାଷ୍ଟ୍ରରେ ତାଙ୍କ ଜନ୍ମସ୍ଥାନ ଚଉଁଣ୍ଡି ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଅବସରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରାଯିବ ବୋଲି ଜଣାପଡ଼ିଛି ।

ଲୋକମାତା ପୁଣ୍ୟଶ୍ଲୋକ ଅହିଲ୍ୟାବାଇ ହୋଲ୍‌କର ୧୭୨୫ ମସିହା ମଇମାସ ୩୧ ତାରିଖରେ ଅହିଲ୍ୟାନଗର ଜିଲ୍ଲାର ଚଉଁଣ୍ଡି ଠାରେ ଜନ୍ମଗ୍ରହଣ କରିଥିଲେ । ସେ ମରାଠା ନେତା ମହ୍ଲାର ରାଓ ହୋଲ୍‌କରଙ୍କ ପୁଅ ଖଣ୍ଡେରାଓଙ୍କୁ ବିବାହ କରିଥିଲେ । ଖଣ୍ଡେରାଓଙ୍କ ମୃତ୍ୟୁ ପରେ ଅହିଲ୍ୟାବାଇ ସାମାଜିକ କାର୍ଯ୍ୟ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅନେକ ଗୁଡ଼ିଏ ବିକାଶମୂଳକ ନୀତି ପ୍ରଣୟନ କରିଥିଲେ । ସାରା ଦେଶରେ ତାଙ୍କ କାର୍ଯ୍ୟ ବିଶେଷ ପ୍ରଭାବ ପକାଇଥିଲା। ନଦୀଗୁଡ଼ିକରେ ଘାଟ ନିର୍ମାଣ ସହ ପୁରାତନ ହିନ୍ଦୁ ମନ୍ଦିରଗୁଡ଼ିକୁ ପୁନଃସ୍ଥାପିତ କରିବା ଏବଂ ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାର ଓ ଖାଦ୍ୟ କେନ୍ଦ୍ର ସ୍ଥାପନ କରିଥିଲେ । ସଂପୃକ୍ତ ଅଞ୍ଚଳରେ ବୟନଶିଳ୍ପକୁ ବିକଶିତ କରିବା ଲାଗି ସେ ବୁଣାକାର ଏବଂ କଳାକାରମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ । ଅହିଲ୍ୟାବାଇ ହୋଲ୍‌କରଙ୍କ ଜୀବନୀ ଦୟା, କ୍ଷମା ଏବଂ ଲୋକମାନଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବର ପ୍ରତିଫଳନ ଅଟେ ।

## ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟରେ ସ୍ଥାନ ନିଶ୍ଚିତ କରିଛି । ଗତକାଲି ଚଣ୍ଡୀଗଡ଼ର ମହାରାଜା ଯଜବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏଲିମିନେଟର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ରନ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୨୨୮ ରନ୍ ସଂଗ୍ରହ

କରିଥିଲା । ଏହାର ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆସନ୍ତାକାଲି ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ ।